# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
# କପା ଚାଷ ପାଇଁ V(ପଞ୍ଚମ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ଜୁଲାଇ | | | | | ଜୁଲାଇ | | | | |
| | | 05 | 06 | 07 | 08 | 09 | 11 | 12 | 13 | 14 | 15 |
|  | କୋରାପୁଟ | 0 | 0 | 0 | 0 | 0 | 10 | 4 | 6 | 7 | 10 |
| | କଳାହାଣ୍ଡି | 1 | 3 | 2 | 0 | 32 | 3 | 4 | 4 | 3 | 4 |
| | ବଲାଙ୍ଗିର | 0 | 0 | 0 | 0 | 0 | 4 | 3 | 4 | 5 | 7 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

**କପା ଫସଲ ଅବସ୍ଥା:**

ମୌସୁମୀ ବର୍ଷା ଆରମ୍ଭ ହୋଇଥିବାରୁ ଓଡିଶାରେ କପା ଲଗାଇବା କାମ ଆରମ୍ଭ ହୋଇ ଯାଇଛି । ଏବେ କପା ଫସଲ 0-10 ଦିନ ଅବସ୍ଥାରେ ଅଛି । ଗୋବର ଖତ ଓ ମୂଳ ସାର ପ୍ରୟୋଗ କରିବା ସହିତ କପା ଲଗାଇବା କାମ ଚାଲିଛି । ଏହା ସହିତ ସବୁଜ ଖତ ହିସାବରେ ଛଣି ଓ ଅନ୍ତ ଫସଲ ହିସାବରେ ହରଡ ଲଗା ଚାଲିଛି। ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥଲୀନ ଘାସମର ଔଷଧ ବ୍ୟବହାର କର ଯାଉଛି।

**ପରାମର୍ଶ:**

ମୌସୁମୀ ବର୍ଷ ଜାରି ରହିଥିବାରୁ ଚାଷୀମାନେ କପ ଲଗାଇବା କାମ ଏକ ସପ୍ତାହ ମଧରେ ଶେଷ କରନ୍ତୁ । କପା ଚାଷ ପାଇଁ ଆବଶ୍ୟକ ସାମଗ୍ରୀ ଯଥା ଭଲ ବିହନ, ସାର, ଖତ, ସବୁଜ ଖାତ ର ବିହନ, ଜୀବାଣୁ ସାର, ଯନ୍ତା ଫସଲ ଓ ଅନ୍ତ ଫସଲର ବିହନ ଇତ୍ୟାଦି ପୂର୍ବରୁ ସଂଗ୍ରହ କରିବା ସହିତ ଲଗାଇବା କାମ ଶେଷ କରନ୍ତୁ । ଭଲ ଅମଳ ଦେଉଥିବା ଓ ଦୀର୍ଘ ତନ୍ତୁ ବିଶିଷ୍ଟ କପା କିସମ ଚୟନ କରନ୍ତୁ। କପା ଫସଲକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ମକା, ଝୁଡଙ୍ଗ , ଜଡା ଓ ଗେଣ୍ଡୁ ଫୁଲ ର ବିହନ ମଧ ସଂଗ୍ରହ କରନ୍ତୁ।

ଶଙ୍କର କପା ପାଇଁ 120:60:60 କେଜି/ହେ ଓ କିସମ ପାଇଁ 90:45:45 କେଜି/ହେ ସାର ବ୍ୟବହାର କରନ୍ତୁ । ମୂଳ ସାର ହିସାବରେ 100% P, 25% N ଓ 50% K ପ୍ରୟୋଗ କରନ୍ତୁ । ଏହା ସହିତ ହେକ୍ଟର ପିଛା 25 କେଜି ଜିଙ୍କ ସଲ୍ଫେଟ ଓ 5 କେଜି ବୋରାକ୍ସ ପ୍ରୟୋଗ କରନ୍ତୁ। କପା ଜମି ଚାରି ପାଖରେ ସୀମା ଫସଲ ଭାବରେ ଜଡ ଓ ମକା ଲଗାନ୍ତୁ ଓ ଗେଣ୍ଡୁ ଫୁଲର ଚରା ପ୍ରସ୍ତୁତ କରନ୍ତୁ। ଅଧିକ ଲାଭ ଓ ଜମିର ଉର୍ବରତା ବଢାଇବା ପାଇଁ କପା ସହିତ ଅନ୍ତ ଫସଲ ଭାବରେ ବିରି (1:2), ସୋୟବିନ (1:2) ଓ ହରଡ(8:2) ଚାଷ କରନ୍ତୁ। ଜମିରେ ଯଥେଷ୍ଟ ଗଛ ସଂଖ୍ୟା ବଜାୟ ରଖିବା ପାଇଁ ଲଗାଇବାର 7 ଦିନ ପରେ ଖୁଞ୍ଚା ଦିଅନ୍ତୁ ।

କପା ଫସଲକୁ ବିଭିନ୍ନ ପ୍ରକାରର ରୋଗୋ ଦାଉରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ। ଏଥିପାଇଁ 1 କେଜି ବିହନ ସହିତ 3.5 ଗ୍ରାମ **କର୍ବୋକ୍ଷିଣ** 37.5% + **ଥିରାମ** 37.5% DS **କିମ୍ବା 1.5 ମିଲି ଫ୍ଲୁକ୍ଷପାଇରୋକ୍ଷଦ କିମ୍ବା 1.5 ମିଲି ତେତ୍ରକୋନାଜୋଲ ଔଷଧ ବ୍ୟବହାର କରନ୍ତୁ।** ଘାସ ନିୟନ୍ତ୍ରଣ ପାଇଁ କପା ଲଗାଇବାର 1-2 **ଦିନ ପରେ** 1.33 ଲିଟର ପେଣ୍ଡିମେଥଲୀନ 30 ଇସି କିମ୍ବା 700 ମିଲି ପେଣ୍ଡିମେଥଲୀନ 37.5 ଇସି ଘାସମରା ଅଉଷଧକୁ 200 ମିଲି ପାଣିରେ ମିଶାଇ 1 ଏକର ଜମିରେ ପ୍ରୟୋଗ କରନ୍ତୁ। ଅଧିକ ବର୍ଷା ଯୋଗୁ ଜମିରେ ପାଣି ଜମି ରହିବାର ସମ୍ଭାବନା ଥିଲେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।

ଉନ୍ନତ କପା ଉତ୍ପାଦନ ପ୍ରଣାଳୀ ଯଥା ମୃତ୍ତିକା ଓ ବିହନ ଚୟନ, ସାର ପ୍ରୟୋଗ , ବୁଣିବା ପଦ୍ଧତି, ଜଳସେଚନ ଓ ଘାସ ପରିଚାଳନା, ରୋଗ ପୋକ ପରିଚାଳନା ଇତ୍ୟାଦି ଗୋଟିଏ ଅଣ୍ଡ୍ରୋଏଡ ଆଧାରିତ (ସିଆଇସିଆର କଟନ ଆପ )CICR Cotton App ଯାହାକି ଆଇସିଏଆରସିଆଇସିଆର-, ନାଗପୁର ଦ୍ଵାରା ପ୍ରସ୍ତୁତ କରାଯାଇଛି ସେଥିରୁ ରୁ ମିଳି ପାରିବ । ଗୁଗଲ ପ୍ଲେ ଷ୍ଟୋର ରୁ ଏହି ଆପ କୁ ମାଗଣାରେ ଡାଉନଲୋଡ କରା ଯାଇ ପାରିବ । ଏହା ଛଡା ଫସଲର ଅବସ୍ଥା ଓ ପାଣିପାଗ ଭିତ୍ତିକ ସାପ୍ତାହିକ ପରାମର୍ଶ ଗୁଡିକ ଆଇସିଏଆର-ସିଆଇସିଆର ୱେବ ସାଇଟ ରେ ଅପଲୋଡ କରା ଯାଉଛି, ଯାହାସବୁ ଚାଷୀ ମାନଙ୍କ ଉପକାର ପାଇଁ ମଧ ମିଳି ପାରିବ ।